RNI NO.ODIODI/2010/35791

ସୋମବାର, ୧୯ ମାର୍ଚ୍ଚ ୨୦୧୮
ଭାଗ ୮ ସଂଖ୍ୟା ୨୧୩

Monday, 19 March 2018
Volume VIII, Issue No 213

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ମୀନ ୫ ; ଚୈତ୍ର ଶୁକ୍ଳପକ୍ଷ ୨ୟା
୧୯୩୯ ଶକାବ୍ଦ, ୧୪୨୫ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟ ପଥ ଧାମତି
ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

# ନିଜ ପାଇଁ ନୁହେଁ ସମାଜ ପାଇଁ କାମ କର: ରାଷ୍ଟ୍ରପତି

## ଭୁବନେଶ୍ୱର ଆଇଆଇଟିର ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଦୀକ୍ଷାନ୍ତ ଭାଷଣ

**(ଆଇସିଟି) ମୁମ୍ବାଇ-ଇଣ୍ଡିଆନ ଅଏଲ କ୍ୟାମ୍ପସର ଶୁଭ ଉଦଘାଟନ ଓ ଏସଡିଆଇ ଭୁବନେଶ୍ୱରର ସ୍ଥାୟୀ କ୍ୟାମ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଆଗାମୀ ୪ବର୍ଷରେ ଆଇଆଇଟି ଓ ଏନଆଇଟିଗୁଡିକୁ ମିଳିବ ୪ଲକ୍ଷ କୋଟି ଟଙ୍କାର ଅନୁଦାନ**

**ପୂର୍ବ ଭାରତରେ ଟେକ୍ସଟାଇଲ ଓ ପଲିମର କ୍ଲଷ୍ଟରର ବିକାଶ ଦ୍ୱାରା ୨୦୩୦ସୁଦ୍ଧା ୩୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ସହ ୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ: ଧର୍ମେନ୍ଦ୍ର ପ୍ରଧାନ**




ଭୁବନେଶ୍ୱର/ଖୋର୍ଦ୍ଧା, ୧୮/୩(ଶ୍ରୁମି) ଆଇଆଇଟି ଭୁବନେଶ୍ୱରରର ୬ଷ୍ଠ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେଇ ଛାତ୍ରଛାତ୍ରୀଙ୍କୁ ନିଜ ପାଇଁ ନୁହେଁ, ନିଜ ପରିବାର ପାଇଁ ନୁହେଁ ବରଂ ନିଜର ସୃଜନଶୀଳତା ଦ୍ୱାରା ସମାଜ ପାଇଁ କାମ କରିବାକୁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଷ୍ଟ୍ରପତି କହିଛନ୍ତି ସୃଜନଶୀଳ ପ୍ରତିଭା ତୁଳନାରେ ଉଚ୍ଚ ଶିକ୍ଷାଗତ ଡିଗ୍ରୀଧାରୀ ବ୍ୟକ୍ତିମାନେ ଯେ ସମାଜ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ, ଏହା ନିହାତି ଆବଶ୍ୟକ ନୁହେଁ। ସମାଜ ପାଇଁ ଉତ୍ସର୍ଗୀକୃତମନୋଭାବ ସମ୍ପନ୍ନ ଯୁବସମାଜ ସୃଷ୍ଟି କରିବା ଦିଗରେ ଆଇଆଇଟି ଭୁବନେଶ୍ୱର ଭଳି ସଂସ୍ଥା ଉଦ୍ୟମ କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଖୋର୍ଦ୍ଧାଭୂମିର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ କହିଥିଲେ ଯେ, ଏହି ମହାନଭୂମିରେ ୨୦୦ବର୍ଷ ପୂର୍ବେ ଇଂରେଜମାନଙ୍କ ବିରୋଧରେ ପାଇକ ବିଦ୍ରୋହ ରୂପେ ମୁଣ୍ଡ ଟେକିଥିଲା ସ୍ୱାଧୀନତାର ସ୍ୱର। ଏହା ୧୮୫୭ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ସଂଘଟିତ ହେବା ଅତ୍ୟନ୍ତ ଗୌରବର ବିଷୟ। ▶୩ ପୃଷ୍ଠାରେ

